ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/STSC Dev (OD)/1222/05-02-2021

# ଆଦିବାସୀ ମେଳାରେ କୋଟପାଡ଼ ଶାଢ଼ିର ଆଦର

ଭୁବନେଶ୍ୱର, ତା.୦୫/୦୨/୨୦୨୧

ଆଦିବାସୀ ମେଳାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜୟପୁର ଷ୍ଟଲରେ କୋଟପାଡ଼ର ଜୈବିକ ଗୁଣଯୁକ୍ତ ସାମଗ୍ରୀର ପସରା ରହିଛି । କୋଟପାଡ଼ର ବେଡ୍‌ସିଟ୍, ଶାଢ଼ି, ଦୁପଟା, ଷ୍ଟୋଲ୍, ଗାମୁଛା, ରୁମାଲ, ମାସ୍କ, ଦରି, ସିଙ୍ଗଲ ଓ ଡବଲ ବେଡ୍‌ସିଟ୍, ଚାଦର, ଶାଲ୍ ଆଦି ବିଭିନ୍ନ ପ୍ରକାରର ଯଥା: ସମ୍ବଲପୁରୀ ବୁଣା, ଚେକ୍, ପ୍ଲେନ, ପାଞ୍ଚହାତି, ଚାରିହାତି, ସାଲ୍ (ଟସର), ମାସ୍କ ଇତ୍ୟାଦି ।

କୋଟପାଡ଼ର ଶାଢ଼ି ଅତି ସୁନ୍ଦର । ଏହାର ପ୍ରସ୍ତୁତି କିପରି ହେଉଛି ପଚାରିବାରୁ ଶ୍ରୀ ଛବି ସମରଥ କହିଲେ ଯେ କୋଟପାଡ଼ ଶାଢ଼ିର ତିଆରି ନିଆରା । ଷ୍ଟଲ୍‌ରେ ଟଙ୍ଗା ହୋଇଥିବା ଏକ କ୍ରିମ୍ କଲର ଶାଢ଼ି ଦେଖାଇ ଶ୍ରୀ ସମରଥ କହିଲେ ଯେ ଶାଢ଼ି ପାଇଁ ହ୍ୱାଇଟ୍ ଉପରେ କଲର ଆଣିବା ପାଇଁ ପ୍ରଥମେ ସୂତା ଉପରେ ଜଡ଼ାତେଲ ଓ ଗୋବର ବୋଳି ଦିଆଯାଏ । କାଠର ଜାଳର ପାଉଁଶକୁ ସଂଗ୍ରହ କରାଯାଏ । ତାହାକୁ ଫୁଟିବା ପର୍ଯ୍ୟନ୍ତ ପାଣିରେ ସିଝାଯାଏ । ପରେ ଜଡ଼ାତେଲ ଓ ଗୋବରକୁ ସୂତାରେ ବୋଳି ଦିଆଯାଏ । ସେହି ସୂତା ଉପରେ ଖାର ପାଣି ଦିଆହୁଏ ଓ ଫେଣ ବାହାରିବା ପର୍ଯ୍ୟନ୍ତ ମଛାଯାଏ । ସୂତା ଉପରେ ପ୍ରତ୍ୟେକ ଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଏବଂ ୧୨ଟାରୁ ୪ଟା ପର୍ଯ୍ୟନ୍ତ ଏହି ପ୍ରକ୍ରିୟାକୁ ୧୫ ଦିନ ପର୍ଯ୍ୟନ୍ତ କରାଯାଇଥାଏ । ତା'ପରେ ସେହି ସୂତାକୁ ପୋଖରୀକୁ ନିଆଯାଇ ୱାସ୍ କରାଯାଏ । ଧଳା ସୂତା କ୍ରିମ୍ କଲରରେ ପରିଣତ ହୁଏ । ସେହି ସୂତାକୁ ଅଲ୍ ଗଛର ଚେରରୁ ଛାଲ ବାହାର କରି (ଗାତଖୋଳି ଚେର, ଛେଲି ବାହାର କରାଯାଏ ) ଛୋଟ ଛୋଟ ଖଣ୍ଡ କରାଯାଏ ଓ ଶୁଖାଯାଏ । ତା'ପରେ ଏହାକୁ ମିଲିଂ ବା ଗୁଣ୍ଡ କରାଯାଏ । କ୍ରିମ୍ ସୂତା ଉପରେ ମାପ ଡବାରେ ମନୋନୀତ ରଙ୍ଗ ଆଣି ଅଳ୍ପ ପାଣିରେ ପକାଇ ସୂତାଇ ସେଥିରେ ମିଶାଇ ଦିଆଯାଏ । ଏହାପରେ ଦିନକ ପାଇଁ ସୂତାକୁ ଖରାରେ ଦିଆଯାଏ । ତା'ପର ଦିନ ସକାଳୁ ସୂତାକୁ ପାଣିରେ ସିଝାଇ ଓଲଟପାଲଟ କରାଯାଏ । ପାଣି ମରିବା ପର୍ଯ୍ୟନ୍ତ ଏହା କରାଯାଇଥାଏ । ଏହା କରିବା ସମୟରେ ଯେପରି ସୂତା ପୋଡି ନଯାଏ ତାହାକୁ ଧ୍ୟାନ ଦେବାକୁ ପଡ଼ିଥାଏ ବୋଲି ଶ୍ରୀ ସମରଥ କହିଛନ୍ତି । ଏହାପରେ ସୂତାକୁ କାଢ଼ି ଶୁଖାଯାଏ । ପୁଣି ପୋଖରୀରେ ଧୁଆଯାଏ । ଶେଷରେ ସୂତାକୁ ଲୁମ୍‌କୁ ନିଆଯାଇ ବୁଣାଯାଏ ।

ଏହି ଷ୍ଟଲ୍‌ରେ କୋଟପାଡ ଶାଢ଼ି ୯ ହଜାର ୪୦୦ରୁ ଆରମ୍ଭ କରି ୩୦ ହଜାର ପର୍ଯ୍ୟନ୍ତ ରହିଛି । ଡଙ୍ଗରିଆ ଶାଲ୍ ୩ ହଜାର ୫୦୦ରୁ ଆରମ୍ଭ କରି ୫୦୦୦ ପର୍ଯ୍ୟନ୍ତ ରହିଛି । ସେହିପରି ଦୁପ୍‌ଟା ୧୧୦୦ରୁ ଆରମ୍ଭ କରି ୧୬୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଗାମୁଛା ୧୦୦ ଟଙ୍କା ଆରମ୍ଭ ହୋଇ ୧୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ସ୍କୁଲର ମୂଲ୍ୟ ଅନ୍ୟୁନ ୪୫୦ ଟଙ୍କା ରହିଛି ।

ଶ୍ରୀ ସମରଥ କହିଛନ୍ତି ଯେ ଗୋଟିଏ ଶାଢ଼ି କରିବାକୁ ୧୫ ଦିନ ଲାଗୁଥିବାରୁ ସେ ମାସକୁ ୨ଟି କି ୩ଟି ଶାଢ଼ି ବୁଣିଥା'ନ୍ତି ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ